ମୁଖିଆଙ୍କୁ ଚିଠିଏ

ମାନବିକ

Digitized by srujanika@gmail.com

ମୁଖିଆଙ୍କୁ ଚିଠିଟିଏ

ରଚନା	*ଚିଫ୍ ସିଏଟେଲ୍*
ରୂପାନ୍ତର	ବିନୟକୃଷ୍ଣ ପଟ୍ଟନାୟକ
ପ୍ରକାଶକ	**ମାନବିକ,** ତୋଟାସାହି, ମାଷ୍ଟରପଡା, ଫୁଲବାଣୀ-୭୬୨୦୦୧ ଦୂରଭାଷ : (୦୬୮୪୨) ୫୩୨୬୬
ଅଙ୍ଗସଜ୍ଜା	ଇଣ୍ଡେକ୍ସ, ଭୁବନେଶ୍ୱର
ମୁଦ୍ରଣ	ପଦ୍ମା କମର୍ସିଆଲ୍, ଭୁବନେଶ୍ୱର
ସହଯୋଗ ରାଶି	**ପାଞ୍ଚ ଟଙ୍କା ମାତ୍ର**
ପ୍ରକାଶ କାଳ	ଉତ୍କଳ ଦିବସ, ୧୯୯୮

ମାନବିକ ... ଏକ ଶିକ୍ଷା ଓ ବିଜ୍ଞାନପ୍ରେମୀ ପରିବାର । ଏ ଦିଗରେ ଆଗ୍ରହୀ ପ୍ରତ୍ୟେକ ବନ୍ଧୁ ଏହି ପରିବାରର ଜଣେ ସଭ୍ୟା/ସଭ୍ୟ ଅଟନ୍ତି । ଶିକ୍ଷାର୍ଥୀ, ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ଏକ ସହଯୋଗୀ ସମ୍ପର୍କ ବଢ଼ାଇ ଶିକ୍ଷାର ଅସଲ ମର୍ମକୁ ଖୋଜାଇବା ପାଇଁ ଏହାର ବିଭିନ୍ନ ଉଦ୍ୟମ ଚାଲୁରହିଛି । ବିଜ୍ଞାନ, ଶିକ୍ଷା କର୍ମଶାଳା, ଶିବିର,ରଚନାତ୍ମକ ପୁସ୍ତକ ଓ ପତ୍ରିକା ପ୍ରକାଶନ ଆଦି ମାଧ୍ୟମରେ ସମାଜରେ ଏକ ସୃଜନଶୀଳ ଓ ବିଜ୍ଞାନ ପ୍ରେମୀ ଦୃଷ୍ଟିକୋଣକୁ ବଢ଼ାଇବା ପାଇଁ ଏହା ଏକ ଦଳଗତ ପ୍ରୟାସ ।

ସମାଜରେ ପରିବେଶର ମୂଳ ଦିଗଗୁଡ଼ିକ ସଂପର୍କରେ ଏକ ସଠିକ୍ ଧାରଣା ଆଣିବା ପାଇଁ ଏହା ଏକ ମାନବିକ ସନ୍ଦେଶ ।

• **A letter to the Chief** • Author -**Chief Seattle**
• Transcreation - Binaya Krushna Pattanayak
• Publisher - **Manavik** *(Orissa)* • Publication Period - 1st April, 1998. • Price - Rs. 5.00

Digitized by srujanika@gmail.com

ମୁଖିଆଙ୍କୁ

ଚିଠିଟିଏ

ଚିଫ୍ ସିଏଟ୍ଲ

ପ୍ରସ୍ତୁତି : ମାନବିକ

Digitized by srujanika@gmail.com

ମୁଖିଆଙ୍କୁ ଚିଠିଏ

ଏହି ପୁସ୍ତିକାଟି ଜାତୀୟ ପରିବେଶ ସଚେତନତା ଅଭିଯାନ (NEAC, 1997-98) ପାଇଁ ଏକ ସାଧନ ସାମଗ୍ରୀ ରୂପେ ସରକାରଙ୍କ ପରିବେଶ ବିଭାଗ ସହାୟତାରେ ପ୍ରକାଶିତ ଓ ବିତରିତ ହେଉଛି ।

Digitized by srujanika@gmail.com

ଏକ ପରିଚୟ

"ମୁଖିଆଙ୍କୁ ଚିଠିଟିଏ" ଲେଖାଟି ଅନେକ ବର୍ଷ ତଳେ ଲେଖା ଯାଇଥିଲା । ଏହାର ଲେଖକ ଚିଫ୍ ସିଏଟ୍‌ଲ୍ ଥିଲେ ଜଣେ ଲୋହିତ ଭାରତୀୟ (ରେଡ୍ ଇଣ୍ଡିଆନ୍) ।

ଲୋହିତ ଭାରତୀୟମାନେ ହେଉଛନ୍ତି ଉତ୍ତର ଆମେରିକାର ମୂଳ ଅଧିବାସୀ । ପ୍ରାୟ ପାଞ୍ଚ ହଜାର ବର୍ଷ ତଳେ ଗୋରାମାନେ ୟୁରୋପରୁ ହଜାର ହଜାର ସଂଖ୍ୟାରେ ଆମେରିକା ଆଡ଼କୁ ଆସିବାକୁ ଆରମ୍ଭ କଲେ । ସେମାନେ ଖୋଜୁଥିଲେ ଆଗଠୁ ଏକ ନୂଆ ଓ ଅଧିକ ଖୁସିଭରା ଜୀବନ । କ୍ରମଶଃ ସେମାନଙ୍କ ସଂଖ୍ୟା ଯେତିକି ବଢ଼ିଲା, ଜମି ପାଇଁ ତାଙ୍କର ଭୋକ ବି ସେତିକି ତେଜି ହେଲା । ଏଥର ସେମାନେ ଲୋହିତ ଭାରତୀୟମାନଙ୍କ ଜମିକୁ ଜବରଦସ୍ତ ଛଡ଼ାଇ ନେବାରେ ଲାଗିଲେ । ଏହି ଘଟଣାକୁ ନେଇ ଉଭୟ ସମ୍ପ୍ରଦାୟ ମଧ୍ୟରେ ଅନେକ ଥର ଲଢ଼େଇ ଚାଲିଲା । କିନ୍ତୁ ଗୋରାମାନଙ୍କ ଶକ୍ତି ଓ ଆଧୁନିକ ହତିଆର ଆଗରେ ଲୋହିତ ଭାରତୀୟ ସମ୍ପ୍ରଦାୟର ଏକତା କାମ ଦେଲା ନାହିଁ ।

ଏହି ଲଢ଼େଇ ସମୟରେ ଲୋହିତ ଭାରତୀୟ ଆଦିବାସୀମାନଙ୍କ ବୀରତ୍ୱ ଓ କ୍ରୂରତାକୁ ନେଇ ଅନେକ ରୋମାଞ୍ଚକାରୀ କାହାଣୀ ସବୁ ଶୁଣିବାକୁ ମିଳେ । କିନ୍ତୁ ସେମାନଙ୍କ ଭିତରେ ଏପରି ଏକ ଦଳ ବି ଥିଲା ଯିଏକି ଶାନ୍ତି ଓ ସଦ୍‌ଭାବ ସ୍ଥାପନ କରିବା ପାଇଁ ପ୍ରୟାସ କରିଥିବାର ଜଣାଅଛି । ଏହାର ଗୌରବ ଏହି ଲେଖାଟିର ଲେଖକ ଓ ସେମାନଙ୍କ ମୁଖିଆ, ସିଏଟ୍‌ଲ୍‌ଙ୍କୁ ଦିଆଯାଉଛି । ସିଏଟ୍‌ଲ୍ ଗୋରାମାନଙ୍କ ସହ ମିଳିମିଶି ରହିବାରେ ବିଶ୍ୱାସ ରଖିଥିଲେ ।

ମାନବିକ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଏହି ଲେଖାଟିକୁ ସିଏଟ୍‌ଲ୍ ଲୋହିତ ଆଦିବାସୀମାନଙ୍କର ଗୋଟିଏ ମହାସଭାରେ ପାଠ କରିଥିଲେ । ତାଙ୍କ ବିଚାରଧାରା ସେହି ସମୟରେ ଯେତିକି ଉପଯୋଗୀ ଥିଲା, ଆଜି ବି ସେତିକି ବା ତାହାଠୁଁ ଅଧିକା ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇପାରିବ । ଆମର ପରିବେଶ ସହିତ ଯୋଡ଼ାଥିବା କେତେକ ଅସୁବିଧା-ଯାହା ତାଙ୍କୁ ଝଲଝଲ ହୋଇ ଦେଖାଯାଉଥିଲା-ଆଜି ସେଗୁଡ଼ିକ ଆମ ଆଖି ଆଗରେ ଗୋଟି ଗୋଟି ହୋଇ ଘଟି ଚାଲିଛି । ଆପଣ ବି ଏହି ଚିଠିଟି ପଢ଼ନ୍ତୁ ଓ ବିଚାର କରନ୍ତୁ ।

Digitized by srujanika@gmail.com

''ମୁଖିଆଙ୍କୁ ଚିଠିଟିଏ''

ଗୋରା ରାଇଜର ମୁଖିଆ ଆମକୁ ଶୁଣାଇଛନ୍ତି-
ଯେ ସେ ଆମର ଜମି କିଣିବାକୁ ଚାହାନ୍ତି ।
ସେ ବନ୍ଧୁତ୍ୱ ଓ ଭାଇଚାରାର ସଂଦ୍ଦେଶ ବି ପଠାଇଛନ୍ତି ।
ଏହା ତାଙ୍କର ବଡ଼ଲୋକୀ ଅଟେ ।
ଆମେ ଜାଣୁ ତାଙ୍କୁ ଆମର ବନ୍ଧୁତ୍ୱ ଲୋଡ଼ା ନାହିଁ;
କିନ୍ତୁ ତାଙ୍କର ପ୍ରସ୍ତାବ ବିଷୟରେ ଆମେ ବିଚାର କରିବୁ
କାରଣ, ଆମେ ଏହା ବି ଜାଣୁ ଯେ ଯଦି ଜମି ନବିକ୍ରିବୁ,
ତେବେ କାଲି. . . . . .
ଏହି ଗୋରାମାନେ ଆସିବେ ତୋପ, କମାଣ ଧରି ।

କେମିତି ବା ବିକିବ ତୁମେ
ଅବା କିଣିନେବ ଏହି ଆକାଶକୁ ?
ଅବା ଏ ପୃଥିବୀର ସ୍ନେହକୁ ?
ଯେବେ ପବନର ମଳୟ ପରଶ
ଆଉ ପାଣିର ଚଳଚଞ୍ଚଳ ଧାରାରେ
ଆମର ଅବଦାନ କି ମାଲିକାନା ନାହିଁ,
ଆମେ ଅବା କିପରି ବିକିବୁ ଏହାକୁ ?

Digitized by srujanika@gmail.com

ଏହି ଭୂମିର ପ୍ରତିଟି କଣିକା ଆମର ପୂଜ୍ୟ ।
ଗୋଟି ଗୋଟି କରି ଗଛର ପ୍ରତିଟି ପତ୍ର,
ପ୍ରତ୍ୟେକ ବାଲୁକାମୟ ତଟ,
ବିସ୍ତୀର୍ଣ ପ୍ରାନ୍ତର ଓ ଭଅଁରଙ୍କ ମଧୁର ଗୁଞ୍ଜନ ;
ଏହି ସବୁକିଛି ଆମ ପାଇଁ ପବିତ୍ର, ଆଉ ପୂଜ୍ୟ ।
ଆମ ଆଦିବାସୀମାନଙ୍କ ସ୍ମୃତି ଆଉ ଜୀବନ ସାଙ୍ଗେ
ନିବିଡ଼ ଭାବେ ବନ୍ଧା ଏଇମାନେ ।
ଏହି ଗଛ ସବୁ ନିଜର ରଙ୍ଗରେ
ସଞ୍ଚି, ସଜାଇ ରଖିଛନ୍ତି ଆମ ଅତୀତର ସ୍ମୃତି ।

Digitized by srujanika@gmail.com



ଗୋରାମାନେ ଭୁଲିଯାଆନ୍ତି ମରିଯିବା ପରେ ନିଜର ଜନ୍ମଭୂମି,
କିନ୍ତୁ ଆମେ ଭୁଲୁନା. . . . .
ମରିବା ପରେ ବି ଆମର ଏ ଜନମ ମାଟିକୁ ।
ଏଠାକାର ସୁଗନ୍ଧିତ ଫୁଲମାନେ ସବୁ
ଆମର ପ୍ରିୟ ଭାଇ-ଭଉଣୀ ।
ଏଇ ହରିଣ, ଏ ଘୋଡ଼ା, ଏ ବିଶାଳ ପକ୍ଷୀ....
ସମସ୍ତେ ଆମର ଭାଇ ।
ପାହାଡ଼ର ଶିଖର, କ୍ଷେତର ସବୁଜିମା,
ଘୋଡ଼ା ଆଉ ସବାରଙ୍କ ଦେହର ଝାଳ,
ଏ ସମସ୍ତେ ଗୋଟିଏ ପରିବାରର ଅଂଶ ବିଶେଷ ।
ଏଥିଲାଗି, ୱାଶିଂଟନ୍‌ର ମୁଖିଆ ଯେବେ ମାଗୁଅଛି ଆମକୁ

Digitized by srujanika@gmail.com

ଆମ ପ୍ରାଣଠୁଁ ପ୍ରିୟ ଭିଟା ମାଟିକୁ-
ସେ ତେବେ, ଆମେ ଭାବୁଛୁ, ଅତି ବେଶୀ ମାଗି ପକାଉଛି ।
ମୁଖିଆ ଶୁଣାଇଛି-
ସେ ଆମ ପାଇଁ କିଛି ଜମି ଅଲଗା ରଖିବ,
ଯେଉଁଠି ଆମେ ଆରାମରେ ରହିପାରିବୁ ।
ମୁଖିଆ ଏହା ବି କହିଛି-
ଯେ ସେ ଆମର ବାପା ଆଉ ଆମେ ତା'ର ସନ୍ତାନ ।
ଆମେ ତୁମର ପ୍ରସ୍ତାବକୁ ବିଚାର କରିବୁ,
କିନ୍ତୁ ଏହି କାମ ଆମ ପାଇଁ ସହଜ ନୁହେଁ ।
କାରଣ ଏ ଜମି ଆମ ପାଇଁ ପବିତ୍ର ଆଉ ପୂଜ୍ୟ ।
ନଦୀ ଆଉ ଝରଣାରେ ବହୁଥିବା ନିର୍ମଳ ଜଳ
ଆମ ପାଇଁ ତାହା କେବଳ ଜଳ ନୁହେଁ. . . . .
ଆମ ପୂର୍ବଜଙ୍କ ଲହୁ ।



Digitized by srujanika@gmail.com

ଯଦି ଆମେ ତୁମକୁ ଜମି ବିକି ଦେଉ
ତେବେ ତୁମର ପିଲାମାନଙ୍କୁ ନିଶ୍ଚୟ ବତାଇବ
ଯେ ଏହି ଭୂମି ପୂଜ୍ୟ ଅଟେ ।
ଆଉ କହିବ ଏହାର ଜଳାଶୟମାନଙ୍କରେ ଝଲସୁଥିବା
ପ୍ରତ୍ୟେକ ପ୍ରତିବିମ୍ବରେ ଛପିରହିଛି
ଆଦିବାସୀମାନଙ୍କ ଜୀବନର କେତେ କେତେ ସ୍ମୃତି ଆଉ ଗାଥା ।
ପାଣିର କଳ କଳ ନାଦ ଶୁଣାଉଛି ଆମ ପୂର୍ବଜଙ୍କର ସ୍ୱର,
ଏ ନଦୀସବୁ ଆମର ସାଙ୍ଗ, ଯିଏ ଆମର ଶୋଷକୁ ମେଣ୍ଟାନ୍ତି ।
ତାଙ୍କର ଲହରୀରେ ଖେଳୁଛି ଆମର କୁନି କୁନି ନାଆ
ମେଣ୍ଟିଯାଏ ସେଇଠି ଆମ ପିଲାଙ୍କର ଭୋକ ଆଉ ଶୋଷ ।
ଏଥିପାଇଁ ଆମେ ଯଦି ତୁମକୁ ଜମି ବିକିଦେଉ
ତେବେ ତୁମେ ତାଙ୍କୁ ସେହି ସ୍ନେହ ଓ ଆଦର ଦେବ ।
ଯାହା ତୁମେ ଦେଉଛ ତୁମର କୌଣସି ପ୍ରିୟଜନଙ୍କୁ ।
ଗୋରାଙ୍କର ଆଗକୁ ବଢ଼ିବା ଦେଖିଲେ
ଆମେ ଆଦିବାସୀଏ ସବୁବେଳେ ପଛକୁ ହଟିଯାଇଛୁ ।
ଯେମିତିକା ସୂରୁଜ ଉଇଁଲା କ୍ଷଣି
ଭାଗିଯାଏ ପର୍ବତ ଉପରୁ ଅନ୍ଧାର ଆଉ କୁହୁଡ଼ି ।
ଏଇଠି ବିଛାଇ ହୋଇ ପଡ଼ିଛି ଆମ ପୂର୍ବଜଙ୍କ ପାଉଁଶ,
ଆଉ - ଏଇ ଗଛ, ଏଇ ପର୍ବତ ଓ ଧରଣୀର ଏଇ ଭାଗ;
ଏହାରି ଉପରେ ଠିଆ ହୋଇଛି ଏହା ପବିତ୍ର,
ଆମ ପୂର୍ବଜଙ୍କ ସମାଧି ଏହା ପବିତ୍ର ସବୁ ।

Digitized by srujanika@gmail.com

ଆମେ ଜାଣୁ, ଗୋରାଏ ଆମର ଏ ସବୁ କଥାକୁ ବୁଝନ୍ତି ନାହିଁ,
ସେମାନଙ୍କ ପାଇଁ ଦୁନିଆର ସବୁ ଜମି ଏକା ରକମର ।
ଭୂମିର କୌଣସି କଣିକା ସହିତ ତାଙ୍କର ସଂପର୍କ ନାହିଁ-
ଅଜଣା ପରିକା ଅନ୍ଧାରରେ ଆସି
ଯେ ସବୁକିଛି ନେଇଯାଏ, ଯାହା ଲୋଡ଼ା ତାକୁ ।
ଭୂମି ତ ତା'ର ସାଙ୍ଗ ନୁହେଁ-ଶତ୍ରୁ ଅଟେ ।
ଯାହାକୁ ଜିଣି ସେ ଆଗକୁ ବଢ଼ିଯାଏ
ଆଉ ଛାଡ଼ିଯାଏ ପଛରେ ନିଜ ପିତାର ସମାଧି-
ଏହାକୁ ସେ ଟିକିଏ ବି ଖାତିର କରେ ନାହିଁ ।
ନିଜ ଛୁଆଙ୍କ ହାତରୁ ସେ ଛଡ଼ାଇ ନିଏ ଭୂମିକୁ
ଏଥିକୁ ସେ ଖାତିର କରେ ନାହିଁ ।
ମା' ସମାନ ଧରଣୀ ଓ ବାପା ସମାନ ଆକାଶ,

Digitized by srujanika@gmail.com

ତା ପାଇ ଅତ ମାମୁଲି ଦରବ,
ଯାହାକୁ ସେ ମଇଁଷି ବା ଝଟକିଲା ମୋତି ପରିକା
କିଣେ, ଲୁଟେ ଆଉ ବିକି ଦିଏ ।
ଗୋଟିଏ ଦିନ ଆସିବ ଯେବେ ତାର ବିଶାଳ ଭୋକ
ସାରା ଧରଣୀକୁ ଗ୍ରାସିଯିବ-
ଆଉ ରହିଯିବ ଖାଲି ମରୁଭୂମିର ବାଲି ।
ମୁଁ ବୁଝିପାରିଲି ନାହିଁ,
ବୋଧେ ଆମ ଜିଇଁବାର ଢ଼ଙ୍ଗ ତୁମଠାରୁ ଅଲଗା ଅଟେ ।
ତୁମର ସହରଗୁଡ଼ିକର ଅବସ୍ଥାକୁ ଦେଖିଲେ,
ମୋ ଆଖିରେ ଲୁହ ଆସିଯାଉଛି !
କିନ୍ତୁ ଆମେ ଆଦିବାସୀମାନେ ତ ବୋଧହୁଏ
ଜଙ୍ଗଲି ଆଉ ଅସଭ୍ୟ;
ଯେଉଁମାନେ ତୁମର କଥାକୁ ବୁଝି ପାରି ନାହୁଁ ।

Digitized by srujanika@gmail.com

ତୁମର ସହରଗୁଡ଼ିକରେ କୌଣସି ଗଳି ବି ଶାନ୍ତ ନୁହେଁ,
ଏପରି କୌଣସି ଜାଗା ନାହିଁ ଯେଉଁଠି ଶୁଣିବାକୁ ମିଳିବ,
ବସନ୍ତରେ ଚଢେଇଙ୍କର କାକଳି,
ବା କୌଣସି କୀଟ ଡ଼େଣାର ସର୍‌ସର୍ ଶବ୍ଦ ।
କିନ୍ତୁ ମୁଁ ତ ଅସଭ୍ୟ
ଆଉ ଏଥିପାଇଁ ତୁମର କଥାକୁ ବୁଝି ପାରୁ ନାହିଁ ।
ଏଠାକାର ଘୋର୍ ଶବ୍ଦ କାନକୁ କାଟୁଛି ।
ଏପରି ଜୀବନର କ'ଣ ଅବା ଅର୍ଥ ଅଛି,
ଯେଉଁଠି ମଣିଷ ଶୁଣିପାରେ ନାହିଁ,
ଗୋଟିଏ ଏକଲା ପଶୁର କରୁଣ ରୋଦନ ?
କିମ୍ବା ରାତିରେ କୌଣସି ପୋଖରୀରେ
ବେଙ୍ଗମାନଙ୍କର ବାଦ ବିବାଦର ରାଗିଣୀ ।

ମୁଁ ଜଣେ ଆଦିବାସୀ; ତେଣୁ ତୁମର କଥା ବୁଝେନାହିଁ ।
ଆମକୁ ତ ସୁହାଏ ପବନର ସେହି ମିଠା ଧୂନ୍
ଯାହା ପୋଖରୀର କୂଳକୁ ଛୁଇଁ ବାହାରକୁ ଛୁଟିଯାଏ
ଆଉ ବର୍ଷା ସମୟରେ ମାଟିର ସେହି ମଧୁର ଗନ୍ଧ,
ବା ଗଛର ମିଠା ମହକରେ ଭରିଯାଇଥିବା ପବନ ।
ଆମ ପାଇଁ ପବନ ବହୁତ ମୂଲ୍ୟବାନ ଅଟେ ।
କାରଣ ସମସ୍ତେ-ପଶୁ, ପକ୍ଷୀ, ତରୁ, ମନୁଷ୍ୟ-
ସେହି ପବନକୁ ଶ୍ୱାସ ରୂପେ ନିଅନ୍ତି,

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

ସମସ୍ତେ ସେହି ପବନକୁ ବାଣ୍ଟନ୍ତି ।
କିନ୍ତୁ ଗୋରା ଲୋକମାନେ
ସେହି ପବନକୁ ଖାତିର କରନ୍ତି ନାହିଁ
ଯେପରି ମୃତ୍ୟୁ ଶଯ୍ୟାରେ ପଡ଼ିଥିବା ଲୋକଟିଏ,
ଦୁର୍ଗନ୍ଧ ପ୍ରତି ଶିଥିଳ ହୋଇଯାଇଥାଏ ।
ତଥାପି ବି ଆମେ ଯଦି ତୁମକୁ ନିଜ ଜମି ବିକୁଅଛୁ
ତେବେ ନିଶ୍ଚୟ ମନେ ରଖିବ ଯେ
ଏହି ପବନ ଆମ ପାଇଁ ବହୁତ ମୂଲ୍ୟବାନ,
ଏହା ଭୁଲିଯିବ ନାହିଁ ଯେ ପବନ ଜୀବଜନ୍ତୁଙ୍କୁ ପାଳିଥାଏ
ଓ ସମସ୍ତଙ୍କ ସହିତ ନିଜର ଆତ୍ମାକୁ ବାଣ୍ଟିଥାଏ;
ଏହି ପବନରେ ଆମର ପୂର୍ବଜମାନେ ନେଇଥିଲେ
ନିଜର ପହିଲା ଓ ଅନ୍ତିମ ପ୍ରଶ୍ୱାସ ।

Digitized by srujanika@gmail.com

ଏହି ପବନ ହିଁ ଦେବ ଆମରି ପିଲାଙ୍କୁ ଜୀବନଦାନ ।
ଯଦି ଆମେ ତୁମକୁ ନିଜ ଜମି ବିକି ଦେଉଛୁ
ତେବେ ଏହାକୁ ଅଲଗା ରଖିବ । ପବିତ୍ର ରଖିବ ।
ଯେଉଁଠି ତୁମେ ଗୋରାମାନେ ବି
ସୁଗନ୍ଧିତ ପବନକୁ ଅନୁଭବ କରିପାରିବ ।
ଠିକ୍ ଅଛି, ଆମେ ତୁମର ପ୍ରସ୍ତାବକୁ ବିଚାର କରିବୁ ।
କିନ୍ତୁ ଏଥିରେ ମୋର ଗୋଟିଏ ସର୍ତ୍ତ ରହିଛି-
ଏହି ଭୂମିରେ ବାସ କରୁଥିବା ଜୀବମାନଙ୍କୁ
ତୁମେ ମାନିବ ନିଜର ବନ୍ଧୁ ।
ମୁଁ ଜଙ୍ଗଲୀ ଓ ବୋଧେ ଜାଣେନାହିଁ
ଜିଇଁବାର ଆଉ କୌଣସି ଉପାୟ ।

Digitized by srujanika@gmail.com

ମୁଁ ପଢ଼ିଆରେ ଦେଖିଛି
ହଜାର ହଜାର ମଇଁଷିଙ୍କ ପଚାସଢ଼ା ଶବ,
ଯାହାଙ୍କୁ ଗୋରାମାନେ ନିଜର ଲଗାମହୀନ
ଚଳନ୍ତା ଗାଡ଼ିରେ ମାରି ଦେଇଥିଲେ ।
ମୁଁ ସଭ୍ୟ ନୁହେଁ ଓ ବୁଝିପାରେ ନାହିଁ-
କିପରି, ଧୂଆଁ ଛାଡୁଥିବା ହୃଦୟହୀନ ଲୁହାର ଗାଡ଼ିସବୁ
ସେହି ପଶୁମାନଙ୍କ ଜୀବନ ଠାରୁ ଅଧିକ ଜରୁରୀ ।
ପଶୁଙ୍କ ବିନା ମଣିଷ କ'ଣ ରହିପାରେ କେବେ ?
ଯଦି ପଶୁ ନ ରହିବେ,
ତେବେ ମନୁଷ୍ୟ
ଏକଲା ରହିବାର ପୀଡ଼ାରେ ପୋଛି ହୋଇଯିବ ।
ଏବଂ ଏପରି ବି, ଯିଏ ପଶୁଙ୍କ ସାଥିରେ ରହିବ,
ସେହି ମନୁଷ୍ୟ ବି ଦିନେ ଭୋଗିବ ।

Digitized by srujanika@gmail.com

ପ୍ରକୃତିରେ, ସବୁ କିଛି ତ ଯୋଡ଼ା
ଗୋଟିଏ ଆଉ ଗୋଟାକ ସାଥିରେ ।
ନିଜର ପିଲାଙ୍କୁ ନିଶ୍ଚୟ ଶିଖାଇବ
ଯେ ଯେଉଁ ଭୂମି ଉପରେ ସେମାନେ ଚାଲୁଛନ୍ତି
ତାହା ଆମ ପୂର୍ବଜଙ୍କ ଭସ୍ମରେ ଗଢ଼ା ହୋଇଛି ।
ସେହି ଭୂମିର ଆଦର କରିବା ଶିଖିବ ।
ନିଜର ପିଲାଙ୍କୁ ଏହା ବି ବତାଇବ
ଯେ ଏହି ମାଟି ଆମର ପୂର୍ବଜଙ୍କ ଗାଥାରେ ସମୃଦ୍ଧ ଅଟେ ;
ଏହି ଧରଣୀ ଆମର ମା' ଅଟେ-
ଆମେ ଆମ ପିଲାଙ୍କୁ ଏହା ବତାଇଥିଲୁ
ଓ ତୁମେ ବି ଏହା ଶିଖାଇବ ।



Digitized by srujanika@gmail.com



Digitized by srujanika@gmail.com



Digitized by srujanika@gmail.com

ମଣିଷ ରଚି ନାହିଁ ସୃଷ୍ଟିରେ ଜୀବନର ଏପାଖ ସେପାଖ
ସେ ତ କେବଳ ଏହାର କାଣିଚାଏ ମାତ୍ର ।
ତା' ସହିତ ସେଇଆ ହେବ ଯାହା ସେ କରିବ ପରିବେଶ ସହିତ ।
ଆମେ ତୁମର ପ୍ରସ୍ତାବକୁ ବିଚାରିବୁ
ଯେ କହେ, ସେହି ଆରକ୍ଷିତ ସ୍ଥାନକୁ ଚାଲିଯାଅ,
ଯାହାକୁ ତୁମେ ଆମ ଲୋକଙ୍କ ପାଇଁ ଅଲଗା ରଖିଛ ।
ଆମେ ଅଲଗା ରହିବୁ ଓ ଶାନ୍ତିରେ ରହିବୁ ।
ଏହାର କିଛି ମହତ୍ୱ ନାହିଁ ଯେ ଆମେ ଆମ
ଶେଷଦିନ କେଉଁଠି ବିତାଇବୁ ।
ଆମ ପିଲାମାନେ ଆମର ପରାଜୟକୁ ଦେଖିଛନ୍ତି,
ଆମର ଯୋଦ୍ଧାମାନେ ଲଜ୍ୟାରେ କଡ଼ା ବିଷ ପିଇଦେଇଛନ୍ତି ।
ପରାଜୟ ତାଙ୍କୁ ଉଦାସୀନ କରି ଦେଇଛି-
ଆଳସ୍ୟକୁ ସେମାନେ ମଦରେ ବୁଡାଇ ଦିଅନ୍ତି ଓ
ନିସ୍ତେଜ କରି ଦିଅନ୍ତି ନିଜର ଶରୀର ।
ଏବେ ଆଉ କିଛି ବି ଫରକ ପଡୁନାହିଁ ଯେ ଆମେ
ଆମ ବାକି ଦିନ କେଉଁଠି ବିତାଇବୁ
ସହଜରେ ତ ତାହା ବେଶୀ ବି ନୁହେଁ ।
ଅଳ୍ପ କେତେ ଘଣ୍ଟା, କିଛି ବର୍ଷ ଓ ଶେଷରେ
ସେହି ମହାନ ବଂଶଟିର କୌଣସି ସନ୍ତାନ
ଶେଷକୁ ରହିବେ ନାହିଁ
ଯିଏ ଏକଦା ବିନା ବାଧାରେ ଏହି ଧରଣୀ ଉପରେ

Digitized by srujanika@gmail.com

ଚାଲବୁଲ କରୁଥିଲେ ।

ଏବେ ସେମାନେ କେତେ ଛୋଟ ଛୋଟ ଦଳରେ
ଘୂରି ବୁଲୁଛନ୍ତି ଘନ ଜଙ୍ଗଲ ମଧ୍ୟରେ. . . .
କିଏ ମନାଇବ ଶୋକ ସେମାନଙ୍କ ପାଇଁ ?
ଯିଏ ଏତେ ବେଶୀ ବଳିଷ୍ଠ ଓ ଆଶାବାଦୀ ଥିଲେ
ଯେପରି ଆଜି ତୁମେମାନେ ଅଛ ।
କିନ୍ତୁ କାହିଁକି ମୁଁ ଶୋକାକୂଳ ହେବି ନିଜ ଜାତିଟିର ଅନ୍ତ ପାଇଁ ?
ମୋଟ ଉପରେ ଏହି ଜାତି ମାନେ କ'ଣ ?
ଏହା ତ ଲୋକଙ୍କର ଏକ ସମୂହରୁ ଜାତହୁଏ
ଲୋକ ଆସନ୍ତି, ଚାଲିଯାଆନ୍ତି ;
ଯେପରି ସମୁଦ୍ରର ଲହରୀ ।
ଏହି ଗୋରା ଲୋକେ ବି
ବଞ୍ଚିପାରିବେନି ସେହି ଶାଶ୍ୱତ ନିୟତି ଠାରୁ
ଯାହା ସଭିଙ୍କ ପାଇଁ ଏକ ।
ବୋଧେ ଏଥିପାଇଁ ଆମର ସମ୍ପର୍କ ବନ୍ଧୁ ପରି ଅଟେ ।
କିନ୍ତୁ ଏହା ତ ଆଗାମୀ ସମୟ ହିଁ ବତାଇବ ।

ଆମେ ଗୋଟିଏ କଥା ଜାଣୁ-
ଆମ ସମସ୍ତଙ୍କର ଭଗବାନ ଏକ ।
ଗୋରାମାନେ ବି ବୋଧେ ଦିନେ ଏ କଥା ଜାଣିଯିବେ ।
ତୁମେ କ'ଣ ଭାବୁଚ ଯେ ସେ କେବଳ ତୁମର ସଂପତ୍ତି ଅଟେ ?

Digitized by srujanika@gmail.com



Digitized by srujanika@gmail.com



Digitized by srujanika@gmail.com

ଆମର ଭୂମି ପରି ?
ଯାହା ତୁମେ ଦିନେ ନେଇଯିବ ?
ନା । ଏହା ସମ୍ଭବପର ନୁହେଁ ।
କାହିଁକି ନା, ସେ ଆମ ଉଭୟଙ୍କୁ ଏକା ଆଖିରେ ଦେଖେ
ତା' ପାଇଁ ଏଇ ଧରଣୀ ଅମୂଲ୍ୟ ଅଟେ ।
ଏବଂ ଏହି ବସୁନ୍ଧରାକୁ ହାନି ପହଞ୍ଚାଇବାଟା
ଏହାର ରଚୟିତାଙ୍କୁ ତିରସ୍କାର କଲା ପରି ହେବ ।
ଗୋଟିଏ ଦିନ ଗୋରା ଲୋକଙ୍କର ବି ଅନ୍ତିମ ଦିନ ଆସିବ,
ବୋଧହୁଏ ଅନ୍ୟ ଜାତିଙ୍କ ଠାରୁ ବି ଆଗରେ ।
ନିଜ ବାତାବରଣକୁ ଯଦି ଦୂଷିତ କରିବ,
ତେବେ ଦେଖିବ, କୌଣସି ଏକ ରାତିରେ
ସେହି ଦୁର୍ଗନ୍ଧରେ ତୁମର ଶ୍ୱାସ ରୁନ୍ଧି ହୋଇଯିବ

Digitized by srujanika@gmail.com

କିନ୍ତୁ ନିଜର ବିନାଶରେ ବି ତ ତୁମେ ଝଟକିବ,
ସେହି ଭଗବାନ ଦେଇଥିବା ତେଜରେ,
ଯାହା ତୁମକୁ ଧରଣୀ ଉପରକୁ ଆଣିଲା,
ଓ କୌଣସି ବିଶେଷ ଉଦ୍ଦେଶ୍ୟରେ
ଧରଣୀର ଓ ଆଦିବାସୀମାନଙ୍କର ଶାସକ ବନାଇଲା ।
ଏହି ନିୟତି ଆମ ପାଇଁ ଏକ ରହସ୍ୟ ବନିଯାଇଛି-
କାହିଁକି ନା, ଯେତେବେଳେ ମଇଁଷିମାନଙ୍କୁ ବଧ କରାଯାଏ,
ଜଙ୍ଗଲି ଘୋଡ଼ାଙ୍କୁ ପୋଷା ବନାଯାଏ,
ଜଙ୍ଗଲର କୋଣେ ପ୍ରତିକୋଣେ ଚରିଯାଏ ମଣିଷ ଭିଡ଼ର ଗନ୍ଧ,
ଓ ପାହାଡ଼ର ସୁନ୍ଦର ଦୃଶ୍ୟ ଢ଼ାଙ୍କି ହୋଇଯାଏ,
ଟେଲିଫୋନ ତାର ପରେ
ସେତେବେଳେ ଆମେ ନିୟତିକୁ ବୁଝିପାରୁନା ।
କାହିଁ ଗଲା ସେହି ସବୁଜିମା ?
କାହିଁ ଗଲେ ସେହି ବିଶାଳ ପକ୍ଷୀ ?
କାହିଁଗଲେ ସେହି ଦଉଡ଼ିଲା ଘୋଡ଼ା,
ସେହି ଶିକାର ଖେଳ ?
ଏବେତ ଜିଇଁବାର ଶେଷ ଅବସ୍ଥା ଆସିଗଲା,
ଆଉ ଆରମ୍ଭ ହୋଇଗଲା, ଜୀବନସାରା ରହିବାପାଇଁ ଚେଷ୍ଟା ।
ଆମ ଭୂମିକୁ ବିକିବାର ପ୍ରସ୍ତାବକୁ ଆମେ ବିଚାର କରିବୁ,
ତେବେ ବୋଧହୁଏ-ନିଜ ମରଜିରେ,
ତୁମେ ଦେଇଥିବା ଭୂମିରେ
ଆମ ଶେଷ ଦିନଗୁଡ଼ିକୁ ବିତାଇପାରିବୁ ।

Digitized by srujanika@gmail.com

ଯେତେବେଳେ ଧରଣୀ ଉପରୁ
ଶେଷ ଆଦିବାସୀଟି ବି ଲୋପ ପାଇଯିବ ।
ତେବେ ଏହି ସମୁଦ୍ରତଟ ଓ ଅସୀମ ବନ,
ଆମ ଲୋକ ଏହି ଭୂମିକୁ ସେତିକି ହିଁ ଭଲ ପାଆନ୍ତି,
ଯେତିକି ଭଲ ପାଏ ନବଜାତ ଶିଶୁଟିଏ ମା'ର କୋଳକୁ ।
ଏଥିପାଇଁ ଆମେ ଯଦି ତୁମକୁ ଭୂମି ବିକିବୁ
ତେବେ ତାକୁ ତୁମେ ଭଲ ପାଇବ,
ଯେତିକି ଆମେ ଭଲ ପାଉଛୁ ତାକୁ ।
ସେପରି ହିଁ ଯତ୍ନ ନେବ, ଯେପରି ଆମେ ନେଉଛୁ ।
ନିଜର ପୂରା ସାମର୍ଥ୍ୟ ଲଗାଇ, ମନ ଓ ହୃଦୟ ସହିତ
ଏହାକୁ ସମ୍ଭାଳିବ ନିଜର ପିଲାଙ୍କ ପାଇଁ ।
ଆଉ ସେତିକି ଭଲ ପାଇବ.....
ଯେତିକି ପରମ ପିତା ଆମକୁ ଆଦର କରନ୍ତି ।

ଆମେ ଗୋଟିଏ କଥା ଜାଣୁ-
ଆମ ସମସ୍ତଙ୍କର ଭଗବାନ ଏକ-
ଓ ଏହି ଭୂମି ତାଙ୍କର ଅତୀବ ଆଦରଣୀୟ
ଗୋରା ଲୋକେ ବି ବଞ୍ଚିପାରିବେନି
ସେହି ନିୟତି ଠାରୁ ଯାହା ସମସ୍ତଙ୍କର ଓ ଏକ ଅଟେ ।
ଅନ୍ତତଃ ଏଥିପାଇଁ ଆମେ ବନ୍ଧୁ ଅଟନ୍ତି ।
.....ଏହା ସମୟ ହିଁ ବତାଇବ ।

Digitized by srujanika@gmail.com

ମାନବିକ *ପ୍ରୟୋଗଶାଳା*

ଶିକ୍ଷା ଓ ବିଜ୍ଞାନ ... ଆଜିର ମଣିଷ ହାତରେ ଦୁଇଟି ବଳିଷ୍ଠ ଓ ଯାଦୁକାରୀ କାଉଁରି କାଠି । ଏହାର ପରଶରେ ମଣିଷ ପୃଥିବୀକୁ 'ସ୍ୱର୍ଗ' କରି ଦେଇପାରିବ । କିନ୍ତୁ ଏହି ଚାବିକାଠିକୁ ହାତରେ ଧରି ବି ସେ ଆଜି ଚିନ୍ତାରେ ବୁଡି ରହିଥିଲା ପରି ମନେ ହେଉଛି । ଏହାର କାରଣ କ'ଣ ? ଏହାର ସଦୁପଯୋଗର ଉପଯୋଗିତା ସେ ବୃହତ ଅର୍ଥରେ ବୁଝି ପାରିନାହିଁ । ଏ ଦିଗରେ ଆମ ସମାଜରେ ଯେଉଁ ଭାବ ଓ ରଚିର ଅଭାବ ରହିଛି, ତା' ହେଉଛି - *ମାନବିକତା* । ଆମେ ସମସ୍ତେ ଅନୁଭବ କରିଛେ ଯେ, ଜଣେ ମଣିଷର ମାନବିକ ବିଚାରଧାରା ଓ ଆଚରଣ ବି ତା' ଚାରିପାଖରେ ସ୍ୱର୍ଗୀୟ ସୁରଭି ଭରି ଦେଇପାରେ । ଅତଏବ, ଜଣ ଜଣେ କରି ଅଧିକରୁ ଅଧିକ ସାଥି ଏହି ଭାବକୁ ଆପଣାଇଲେ, ସମାଜ ସଫଳ ହେବାକୁ ବାଧ ହେବ । ଏହି ବିଚାର ଓ ବିଶ୍ୱାସକୁ ପୁଞ୍ଜି କରି ମାନବିକ ପରିବାର ଗୋଟିଏ ତୁଳସୀ ଗଛ ପରି ଶିକ୍ଷା ଓ ବିଜ୍ଞାନର ଅସଲ ମହକକୁ ଖେଳାଇ ଚାଲିଛି ।



ଗଛଟି ଚେର ଧରିଛି ଓଡିଶାର କେନ୍ଦ୍ରସ୍ଥଳ-ଆଦିବାସୀଙ୍କ ଇଲାକା...ଫୁଲବାଣୀର ମାଳଭୂମିରେ । ଏହାର ସ୍ରଷ୍ଟା ହେଉଛନ୍ତି ଅଜଣା, ଅଶୁଣା ଓ ନୀରବ ଭାବରେ ଶିକ୍ଷାର ବିକାଶରେ ଲାଗିଥିବା ଜଣେ ବିପ୍ଳବୀ *ଲୋକଶିକ୍ଷକ* ଓ ଏକ ଆଗ୍ରହୀ ସାଥିଦଳ । ତାଙ୍କ ପାଇଁ ଶିକ୍ଷା, ଶ୍ରେଣୀର ଚାରିକାନ୍ଥ ଭିତରେ ବା ଶୃଙ୍ଖଳା ଡିଗ୍ରୀରେ ଆବଦ୍ଧ ନୁହେଁ । ଏହା ହେଉଛି ମଣିଷ ତିଆରିର ଏକ କାଇଦା... ଜୀବନକୁ ସରସ, ସୁନ୍ଦର ଓ ରଚନାତ୍ମକ କରିବାର ଏକ କଳା । ତା' ବି ପୁଣି ଶ୍ରେଣୀର କିଛି ପିଲାଙ୍କ ପାଇଁ ନହୋଇ ପୂରା ଇଲାକାଟିରେ ଅସଲ ଶିକ୍ଷା ଓ ବିଜ୍ଞାନର ଏକ ଉପଯୋଗୀ ପରିବେଶ

Digitized by srujanika@gmail.com

ଗତି ତୋଳିବା ଦିଗରେ ଉଦ୍ଦିଷ୍ଟ । ତାଙ୍କର କାମ ଭିତରେ ରହିଛି : ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ତାଙ୍କ ରଚି ଅନୁସାରେ ଫୁଟି ଉଠିବା ପାଇଁ ଆବଶ୍ୟକୀୟ ଉପାଦାନ ଯୋଗାଇଦେବା, ମାଗଣା ହୋମିଓପାଥି ଚିକିତ୍ସା ମାଧ୍ୟମରେ ଏକ ସାମାଜିକ ସହଯୋଗ ଓ ସମ୍ପର୍କ ବଢାଇବା, ସମାଜକୁ କଳୁଷିତ କରି ପକାଉଥିବା ରକ୍ଷଣଶୀଳତାର କଳଙ୍କ ବିରୁଦ୍ଧରେ ସ୍ୱର ଉଠାଇବା ଓ ଦଳବଳକୁ ବଢାଇବା, ଆଜିର ଶିକ୍ଷାର ମୂଳଶତ୍ରୁ ଟ୍ୟୁସନ୍ ଓ ଦୁର୍ନୀତିକୁ ବିରୋଧ କରିବା ଏବଂ ସର୍ବୋପରି ବିଜ୍ଞାନର ଅସଲଧାରାକୁ ପ୍ରସାର କରାଇବା ।

ଏହି ଧାରାରେ 'ମାନବିକ' ଏବେ ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଜ୍ଞାନ କ୍ଷେତ୍ରରେ ଏକ *ଖୋଲା ପ୍ରୟୋଗଶାଳା* । ଏଥିରେ ରଚି ରଖୁଥିବା ଯେ କୌଣସି ସାଥି ଏହାର ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଭାଗ ନେଇ ପାରିବେ ।

'ମାନବିକ'ର କେତେକ ନିୟମିତ ଗତିବିଧି :

• ପ୍ରାଚୀନ ପତ୍ରିକା 'ସନ୍ଧାନ'ର ନିୟମିତ ପ୍ରକାଶନ • ଶିକ୍ଷା, ବିଜ୍ଞାନ, ସ୍ୱାସ୍ଥ୍ୟ ଓ ବିକାଶ ସମ୍ବନ୍ଧୀୟ ବିଭିନ୍ନ ପୁସ୍ତକ ପ୍ରକାଶନ ଓ ବିତରଣ • ନିୟମିତ ଚିକିତ୍ସାସେବା • ସାପ୍ତାହିକ ଶିଶୁବିଜ୍ଞାନ ଚକ୍ର • ସ୍କୁଲ ବିଜ୍ଞାନ କାର୍ଯ୍ୟକ୍ରମ • ଦଳଗତ ଗୀତ, ଖେଳ, ଚିତ୍ର, ପରଖ ଓ ପରିପ୍ରକାଶ ଗତିବିଧି • ଆକାଶ ଦର୍ଶନ (ଖାଲି ଆଖି ଓ ଦୂରବୀକ୍ଷକ ଦ୍ୱାରା) • ଶିକ୍ଷକ ତାଲିମ କର୍ମଶାଳା • ଶିଶୁ ବିଜ୍ଞାନ ଶିବିର • ବିଜ୍ଞାନ ଖେଳଣା ତିଆରି ଓ ପ୍ରସାରଣ • ବାର୍ଷିକ କାଲେଣ୍ଡର ପ୍ରକାଶନ • ପୁସ୍ତକ ଉତ୍ସବ • ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ।

Digitized by srujanika@gmail.com

ଏକ ଚେତାବନୀ

ବିନୟକୃଷ୍ଣ ପଟ୍ଟନାୟକ

ହୁସିଆର ହେ ସାଥୀ ହୁସିଆର (୩ ଥର)
ପରିବେଶ ନୁହେଁ ଖାଲି ଗଛ କି ବଣ
ପଶୁପକ୍ଷୀ ମାଟି ଗୋଡି ପାଣି ପବନ
ତମେ ମୁଁ ଗୁଛା ସାଥେ ସାରା ଜୀବନ
ସବୁବେ ଜିଇଁଲେ ସିନା ଆମ ଜୀବନ
ହୁସିଆର ହେ ସାଥୀ ହୁସିଆର.....(୦)
ଫୁଲ ଫଳ ମୂଳ ଡ଼ାଳ ଲୋଡ଼ା ତ ସଦା
ଆଖି ମୁଜି ଗଛଟାକୁ କିଆଁ କାଟିବା ?
ମାଟି ପାଣି ପବନ ବି ଲୋଡା ତ ସଦା
ବିଷଢ଼ାଳି ତାକୁ ଆମେ କିଆଁ ମାରିବା ?
ସଭିଏଁ ଜିଇଁବା ଲାଗି ସିଏ ଅସରା
(ହେଲେ) ଜଣକର ଲୋଭ ଲାଗି ନିଅଣ୍ଟ ସାରା
ମନ ଦେଇ ଭାବିବା ଅଣ୍ଟା ଭିଡ଼ି ଜାଗିବା
ସଭିଏଁ ବୁଝିଲେ ସିନା ହେବା ସଫଳ
ହୁସିଆର ହେ ସାଥୀ ହୁସିଆର.....(୧)
ମୋହରେ ମାତିକି ଯଦି ସବୁ ସାରିବ
ନିଜେ ତ ମରିବ ପୁଣି ମତେ ମାରିବ
ମରିବାକୁ ଚାହେଁନା ମୁଁ ତମ ଦାଉରେ
ଲଢ଼ିବୁ ଜିଇଁବା ଲାଗି ସୁଖ ଶାନ୍ତିରେ
ଜଣକର ସୁଖ ଲାଗି ଜଗତ ନୁହେଁ
ଜଗତର ସୁଖ ଲାଗି ଜଣେ ଓ ଜଣେ
ଶୁଣ ଏ ଚେତାବନୀ ଲୋଭ ଛାଡ଼ ହେ ସାଥୀ
ସଭିଙ୍କ ଭିତରେ ଜଣେ ମଣିଷ ହୁଅ
ହୁସିଆର ହେ ସାଥୀ ହୁସିଆର.....(୨)

Digitized by srujanika@gmail.com

'ମାନବିକ'ର କିଛି ପ୍ରକାଶନ

ଶିକ୍ଷା ସନ୍ଦେଶ

୧. ମୁଁ ଇସ୍କୁଲ ଯିବି.... କୁଆନ୍ ହୁଆ (ଚୀନ୍)
୨. ବାପା ଯେବେ ପିଲା ଥିଲେ ... ଆଲେକ୍‌ଜାଣ୍ଡାର ରସ୍କିନ୍ (ଋଷ)
୩. ଦୁଇଶେନ୍ ... ଚେଙ୍ଗିଜ୍ ଆଇତ୍ମାତୋଭ୍ (ଋଷ)
୪. ଭଲ ସ୍କୁଲ ... ଜନ୍ ହୋଲ୍ଟ (ଆମେରିକା)
୫. ଶିକ୍ଷକ ... ସିଲଭିଆ ଏଷ୍ଟନ୍ ୱେର୍ଣ୍ଣର (ନିଉଜିଲାଣ୍ଡ)
୬. ସବୁ ସମୟରେ ଶିଖିବା ... ଜନ୍ ହୋଲ୍ଟ (ଆମେରିକା)
୭. ପିଲାଙ୍କ ସହ ଆଲୋଚନା... ଗେରେଥ୍ ବି. ମାଥ୍ୟୁଜ୍ (ଆମେରିକା)
୮. ବିପଦ : ସ୍କୁଲ
୯. ଶିକ୍ଷକ ହବତ ଏମିତି ... ଗିଜୁଭାଇ (ଭାରତ)
୧୦. ମୋ ଜୀବନ କାହାଣୀ... ହେଲେନ୍ କେଲେର୍ (ଆମେରିକା)

(୧ ରୁ ୪ ପ୍ରକାଶିତ.... ୫ ରୁ ୧୦ ଯନ୍ତ୍ରସ୍ଥ)

ବିଜ୍ଞାନ ସନ୍ଦେଶ

୧୧. ପ୍ରକୃତି, ବିଜ୍ଞାନ ଓ ସମାଜ (ବିଶ୍ୱ ଏକ କୁଟୁମ୍ବ)
୧୨. ସଭିଏଁ ଜିଇଁବା (ପ୍ରକୃତି ଅଧ୍ୟୟନ କାହାଣୀ)
୧୩. ଏକ ଉଜ୍ଜଳ ସକାଳରେ ଅକାଳ ସନ୍ଧ୍ୟା (ସୂର୍ଯ୍ୟ ପରାଗ)
୧୪. ଏକ ଅସରା ଯାତ୍ରାର କାହାଣୀ (ମଣିଷର କ୍ରମ ବିବର୍ତ୍ତନ)
୧୫. ମୁଖିଆଙ୍କୁ ଚିଠିଟିଏ (ପରିବେଶର ଡୋରି)
୧୬. ମୋ ବନ୍ଧୁ-ଲିକି.. ବୈଜ୍ଞାନିକ ହାଲଡେନ୍ (ବିଜ୍ଞାନ କାହାଣୀ) *(ଯନ୍ତ୍ରସ୍ଥ)*

ଶିଶୁ ସାହିତ୍ୟ

୧୭. ଈଶପ କାହାଣୀ *(ଯନ୍ତ୍ରସ୍ଥ)*
୧୮. ସତ୍ୟବୀର ହରିଶ୍ଚନ୍ଦ୍ର ...ଗିଜୁଭାଇ
୧୯. ବିଲେଇଙ୍କ ଶୋଭାଯାତ୍ରା (ଏକ ସଚିତ୍ର ଶିଶୁ କାହାଣୀ)
୨୦. ଗୀତ ବଗିଚା (ଗିରି ଝଙ୍କାର) *(ଯନ୍ତ୍ରସ୍ଥ)*

Digitized by srujanika@gmail.com